NATIONAL NEWS BULLETIN (ODIA)

26th June - 2026

Evening Bulletin : 7.15 p.m.

****

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

ମୁଖ୍ୟ ସମ୍ବାଦ

- ନିଶାମୁକ୍ତ ଭାରତ ଅଭିଯାନ ଜନସାଧାରଣଙ୍କ ସହଭାଗିତାରେ ଏକ ଗଣ ଆନ୍ଦୋଳନର ରୂପ ନେଇଛି; କହିଲେ ପ୍ରଧାନମନ୍ତ୍ରୀ ।

- ଭେନ୍‌ଜୁଏଲାକୁ ଭୂକମ୍ପ ପରବର୍ତ୍ତୀ ସହାୟତା ପାଇଁ ଭାରତ ପକ୍ଷରୁ ଆରମ୍ଭ ହେଲା 'ଅପରେସନ୍ ଆମିଷ୍ଟାଡ୍' ।

— ଭାରତ ପଠାଇଲା ୩୫ ଟନ୍‌ରୁ ଅଧିକ ରିଲିଫ୍ ସାଗମ୍ରୀ ଓ ଜୀବନରକ୍ଷାକାରୀ ଔଷଧ ।

- ଭାରତ ଓ ଭୁଟାନ୍ ମଧ୍ୟରେ ଶିକ୍ଷା, ଦକ୍ଷତା ଏବଂ ଜ୍ଞାନର ଆଦାନ ପ୍ରଦାନକୁ ସଶକ୍ତ କରିବା କ୍ଷେତ୍ରରେ ସହମତି ପ୍ରକାଶ କଲେ ଉଭୟ ଦେଶ ।

- ଷୋଡ଼ଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ମାସ ପହିଲାରୁ ଭାରତ ଗସ୍ତରେ ଆସିବେ ଜାପାନ ପ୍ରଧାନମନ୍ତ୍ରୀ ।

ଏବଂ

- ଆୟାର୍‌ଲ୍ୟାଣ୍ଡ ବିପକ୍ଷ ଟି-୨୦ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଭାରତର ବୋଲିଂ ନିଷ୍ପତ୍ତି ।

ପି.ଏମ୍. - ବର୍ମା ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, "ନିଶାମୁକ୍ତ ଭାରତ ଅଭିଯାନ" ଜନସାଧାରଣଙ୍କ ସହଭାଗିତାରେ ଏକ ଗଣ ଆନ୍ଦୋଳନର ରୂପ ନେଇଛି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମାଙ୍କ ଏକ ପ୍ରବନ୍ଧ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀ' ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏକ ନିଶାମୁକ୍ତ ଓ ବିକଶିତ ଭାରତ ଗଠନ ଅଭିଯାନରେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ବର୍ମା ନିଜ ଆଲେଖ୍ୟରେ ଲେଖିଛନ୍ତି, ସରକାର' ନିଶାସେବନକୁ ଏକ ଗମ୍ଭୀର ସମସ୍ୟା ଭାବେ ଗ୍ରହଣ କରିଛନ୍ତି,

ଯାହା ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ ଏବଂ ପ୍ରଗତି ସହ ଜଡ଼ିତ । ଦେଶର ସମସ୍ତ ନାଗରିକ ବିଶେଷକରି ଯୁବପିଢ଼ି ଏହି ଜାତୀୟ ଅଭିଯାନର ଅଂଶୀଦାର ହେବା ଜରୁରୀ ବୋଲି ସେ କହିଛନ୍ତି । ସମସ୍ତେ ଏକାଠି ହୋଇ ଏହି ଅଭିଯାନକୁ ଏକ ଗଣସଙ୍କଳ୍ପରେ ପରିଣତ କରିବାକୁ ଶ୍ରୀ ବର୍ମା ଅନୁରୋଧ କରିଛନ୍ତି । ଏକ ବିକଶିତ ଭାରତ ଗଠନ କ୍ଷେତ୍ରରେ ଏହି ନିଶାମୁକ୍ତ ଭାରତ ସଙ୍କଳ୍ପ ଏକ ଶକ୍ତ ଆଧାର ହେବ ବୋଲି ମନ୍ତ୍ରୀ କହିଛନ୍ତି ।

ଶାହା - ଏନ୍‌କର୍ଡ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ନାର୍କୋ କୋ-ଅର୍ଡିନେସନ୍ ସେଣ୍ଟର-NCORDର ଦଶମ ଶୀର୍ଷସ୍ତରୀୟ ବୈଠକକୁ ସମ୍ବୋଧିତ ନିଶା କାରବାର ବିରୋଧରେ ଏକ ମିଳିତ ସଂଗ୍ରାମ ପାଇଁ ଆହ୍ୱାନ ଦେଇଛନ୍ତି । ଶ୍ରୀ ଶାହା କହିଛନ୍ତି, ନିଶା ସମସ୍ୟା ଦେଶର ସୁରକ୍ଷା, ସାମାଜିକ ସ୍ଥିରତା, ଅର୍ଥନୈତିକ ସ୍ୱାର୍ଥ ଏବଂ ଯୁବପିଢ଼ିଙ୍କ ସହ ସାରା ଦେଶର ଭବିଷ୍ୟତ ପ୍ରତି ଏକ ବଡ଼ ବିପଦ । ଏହି ସଂଗ୍ରାମରେ ବିଜୟ ଲାଭପାଇଁ ସେ ଆଧ୍ୟାତ୍ମିକ ଗୁରୁ, ଯୁବବର୍ଗ ଏବଂ ମା'ମାନଙ୍କୁ ଏକାଠି ହେବାକୁ ଅନୁରୋଧ କରିଛନ୍ତି ।

Voice (Shah) :.....

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥ୍ୟ ରଖି କହିଛନ୍ତି, ୨୦୦୪ରୁ ୨୦୧୪ ମସିହା ମଧ୍ୟରେ ପ୍ରାୟ ୨୬ ଲକ୍ଷ କିଲୋଗ୍ରାମ୍ ସିନ୍ଥେଟିକ୍ ଡ୍ରଗ୍ସ ଜବତ ହୋଇଥିଲା । ଏହାର ତୁଳନାରେ ୨୦୧୪ରୁ ୨୦୨୬ ମଧ୍ୟରେ ଏହି ପରିମାଣ ବୃଦ୍ଧି ପାଇ ୧ କୋଟି ୧୮ ଲକ୍ଷ କିଲୋଗ୍ରାମ୍‌ରେ ପହଞ୍ଚିଛି, ଯାହା ସରକାରଙ୍କ ଅଭିଯାନର ସଫଳତାକୁ ଦର୍ଶାଉଛି । ନାର୍କୋଟିକ୍ସ ନିୟନ୍ତ୍ରଣ ବ୍ୟୁରୋ-NCB ଅନେକ ଅନ୍‌ଲାଇନ୍ ପୋର୍ଟାଲ୍ ବିକଶିତ କରିଛି । ନିଶା ସମ୍ବନ୍ଧୀୟ ମାମଲାଗୁଡ଼ିକର ସୂଚନା ଏହି ପୋର୍ଟାଲ୍‌ରେ ସମୟସୀମା ମଧ୍ୟରେ ଅପ୍‌ଲୋଡ୍ କରିବାକୁ ଶ୍ରୀ ଶାହା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ Vision Document on Narcotics Control-2026-29ର ଉନ୍ମୋଚନ କରିଛନ୍ତି । ଏହା ନିଶା ଚାହିଦା ହ୍ରାସ, ଯୋଗାଣ ବନ୍ଦ ଏବଂ ନିଶାମୁକ୍ତିପାଇଁ ଏକ ରୂପରେଖ ପ୍ରସ୍ତୁତ କରିବ । ଏଥିସହ ଶ୍ରୀ ଶାହା ଏକ ସ୍ୱତନ୍ତ୍ର ଅଭିଯାନର ଆରମ୍ଭ କରିଛନ୍ତି, ଯାହା ଅଧୀନରେ ପ୍ରାୟ ୬ ହଜାର କୋଟି ଟଙ୍କା ମୂଲ୍ୟର ୨ ଲକ୍ଷ ୯ ହଜାର ୫ ଶହ କିଲୋଗ୍ରାମରୁ ଅଧିକ ଜବତ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣରୂପେ ନଷ୍ଟ କରିଦିଆଯିବ ।

ଅପରେସନ୍ - ଆମିଷ୍ଟାଡ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି “ଅପରେସନ୍ ଆମିଷ୍ଟାଡ୍” ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି । ଏହି ଅପରେସନ୍ ଅନ୍ତର୍ଗତ ଭୂକମ୍ପ ପରବର୍ତ୍ତୀ ସହାୟତା ପାଇଁ ଭାରତୀୟ

ବାୟୁସେନାର ଦୁଇଟି ସି-୧୭ ବିମାନକୁ ଭେନଜୁଏଲା ଅଭିମୁଖେ ଉଡ଼ାଣ ଭରିଛି । ସ୍ପାନିଶ୍ ଭାଷାରେ ଆମିଷ୍ଟାଡ୍ ଶବ୍ଦର ଅର୍ଥ ହେଉଛି ବନ୍ଧୁତା । ଭାରତ ଏବଂ ଭେନଜୁଏଲା ସମ୍ପର୍କକୁ ଦର୍ଶାଇ ଏହି ଅଭିଯାନର ନାମକରଣ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ସହାୟତା ସାମଗ୍ରୀ ମଧ୍ୟରେ ଭାରତୀୟ ସେନାର ଭ୍ରାମ୍ୟମାଣ କ୍ଷେତ୍ରୀୟ ହସ୍ପିଷ୍ଟାଲ୍‌ର ଏକ ୟୁନିଟ୍ ସାମିଲ୍ ଥିବାବେଳେ ଭୂକମ୍ପ ପ୍ରଭାବିତ ଲୋକଙ୍କପାଇଁ ୩୫ ଟନ୍‌ରୁ ଅଧିକ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ, ଜୀବନରକ୍ଷାକାରୀ ଔଷଧ ଏବଂ ଚିକିତ୍ସା ଉପକରଣ ପଠାଯାଇଛି । ଏହି ଜରୁରୀକାଳୀନ ଚିକିତ୍ସା ସାମଗ୍ରୀ ମଧ୍ୟରେ ୨ଟି ଅତ୍ୟାଧୁନିକ ଭ୍ରାମ୍ୟମାଣ ହସ୍ପିଟାଲ୍ “ଭୀଷ୍ମ କ୍ୟୁବ୍” ମଧ୍ୟ ରହିଛି, ଯାହା ଅତି କମ୍ ସମୟରେ ଆହତମାନଙ୍କର ଚିକିତ୍ସା କରିବାରରେ ସହାୟକ ହେବ । ବିପଦ ସମୟରେ ଭେନଜୁଏଲା ସରକାର ଏବଂ ସେଠାକାର ଜନସାଧାରଣଙ୍କ ସହ ଭାରତର ସମର୍ଥନ ନେଇ ପ୍ରତିବଦ୍ଧତା ରହିଛି ବୋଲି ବୈଦେଶିକ ମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଭି.ପି. - କର୍ଣ୍ଣାଟକ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ଦୁଇଦିନିଆ କର୍ଣ୍ଣାଟକ ଗସ୍ତରେ ଯିବେ । ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବାକୁ ଥିବା ନାଦପ୍ରଭୁ ଶ୍ରୀକେମ୍ପେଗୌଡ଼ାଙ୍କ ୫୧୭ତମ ଜନ୍ମବାର୍ଷିକୀ ଉତ୍ସବରେ

ଉପରାଷ୍ଟ୍ରପତି ଯୋଗଦେବେ । ଆସନ୍ତା ରବିବାର ଦିନ ସେ ବେଙ୍ଗାଲୁରୁରେ ଆୟୋଜିତ 'ନିଶାମୁକ୍ତ ଭାରତ' ସମ୍ମିଳନୀରେ ଯୋଗଦେବେ । ରାଜୀବ ଗାନ୍ଧି ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଏବଂ ଆନ୍ତର୍ଜାତିକ ନିଶାଦ୍ରବ୍ୟ ବେଆଇନ ଚୋରାଚାଲାଣ ଓ ଅପବ୍ୟବହାର ନିରୋଧି ଦିବସ ଅବସରରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଧର୍ମେନ୍ଦ୍ର ପ୍ରଧାନ - ଭୁଟାନ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ତାଙ୍କ ଭୁଟାନ ପ୍ରତିପକ୍ଷ ୟିଜାଙ୍ଗ୍ ଡେ ଥାପାଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି ଆଲୋଚନା ମୁଖ୍ୟତଃ ଶିକ୍ଷକମାନଙ୍କ ତାଲିମ, ଦକ୍ଷତା ବିକାଶ ଏବଂ ରୋଜଗାର ଉପରେ ଆଧାରିତ ଥିଲା । ଏଥିସହ ଡିଜିଟାଲ୍ ଶିକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ସ୍ଥାୟୀ ପର୍ଯ୍ୟଟନ, ପାରମ୍ପରିକ ଚିକିତ୍ସା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରକ୍ଷା ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିଛନ୍ତି । ଶିକ୍ଷା, ନୂତନ ଜ୍ଞାନକୌଶଳ ପ୍ରୟୋଗ ଏବଂ ଦକ୍ଷତା ନିର୍ମାଣ ଭଳି ବଡ଼ ପ୍ଲାଟ୍‌ଫର୍ମରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବାର ଅନେକ ସୁଯୋଗ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ଓ ଭୁଟାନ୍‌ର ଏହି

ଭାଗିଦାରୀ ଆମର ସମାନ ଆଶା, ଆକାଂକ୍ଷା ଏବଂ ଆଧ୍ୟାତ୍ମିକ ସମ୍ପର୍କ ଆଧାରରେ ଗଢ଼ି ଉଠିଥିବାର କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବୈଠକରେ ଉଭୟ ଦେଶ ଶିକ୍ଷା, ଦକ୍ଷତା ଏବଂ ଜ୍ଞାନର ଆଦାନ ପ୍ରଦାନକୁ ଅଧିକ ସଶକ୍ତ କରିବା କ୍ଷେତ୍ରରେ ସହମତି ପ୍ରକାଶ କରିଛନ୍ତି ।

ଜାପାନ ପି.ଏମ୍. ଭିଜିଟ୍

ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଆସନ୍ତା ମାସ ପହିଲାରୁ ୩ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଗସ୍ତରେ ଆସି ଷୋଡ଼ଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ସମ୍ମିଳନୀଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ସମସ୍ତ ସହଯୋଗର ସମୀକ୍ଷା କରାଯିବା ସହ ସମ୍ପର୍କକୁ ଆହୁରି ଦୃଢ଼ କରିବାପାଇଁ ଏକ ବଡ଼ ସୁଯୋଗ ମିଳିବ । ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ନିଜ ନିଜର ମତ ବିନିମୟ କରିବେ । ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ସାନାଏ ତାକାଇଚିଙ୍କର ଏହା ପ୍ରଥମ ଭାରତ ଗସ୍ତ । ପୂର୍ବରୁ ଗତବର୍ଷ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚଦଶ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଟୋକିଓ ଗସ୍ତ କରିଥିଲେ । ଶ୍ରୀ ତାକାଇଚିଙ୍କ ଏହି ଭାରତ ଗସ୍ତ ଉଭୟ ଦେଶ ମଧ୍ୟରେ

ଥିବା ସ୍ୱତନ୍ତ୍ର ରଣନୀତିକ ଏବଂ ବିଶ୍ୱସ୍ତରୀୟ ଭାଗିଦାରୀକୁ ଆଗେଇ ନେବା କ୍ଷେତ୍ରରେ ଦୁଇ ଦେଶର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମନ୍ତ୍ରଣାଳୟ କହିଛି ।

କୋଲ୍‌କାତା – ବିଲ୍‌ଡିଂ କୋଲାପ୍ସ

କୋଲ୍‌କାତାର ତାରତଲା ଅଞ୍ଚାଳିକା ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଆହତମାନଙ୍କୁ କୋଲ୍‌କାତାର ଏସ.ଏସ୍.କେ.ଏମ୍. ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ଘଟଣାସ୍ଥଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୁଲିସ୍ ଏହି ମାମଲାରେ ଜଣେ ସରକାରୀ ଅଧିକାରୀଙ୍କ ସମେତ ମୋଟ୍ ୬ ଜଣଙ୍କୁ ଗିରଫ କରିଛି । ଘଟଣାର ସମ୍ପୂର୍ଣ୍ଣ ତଦନ୍ତପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାରପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ।

ୟୁ.ଏନ୍. ପଜେସ୍ ସିପ୍ ଏସ୍କର୍ଟ

ଜାତିସଂଘର ଆନ୍ତର୍ଜାତିକ ସାମୁଦ୍ରିକ ସଙ୍ଗଠନ – ଆଇ.ଏମ୍.ଓ.’ ଆଜି ହର୍ମୁଜ ପ୍ରଣାଳୀ ଦେଇ ଚାଲିଥିବା ଜାହାଜ ଏସ୍କର୍ଟ ଅଭିଯାନକୁ ସାମୟିକ ଭାବେ ବନ୍ଦ କରିଦେଇଛି । ଓମାନ ନିକଟରେ ଏକ ବ୍ୟାବସାୟିକ ଜାହାଜ ଉପରେ ଆକ୍ରମଣ ପରେ ଆଇ.ଏମ୍.ଓ. ଏହି ପଦକ୍ଷେପ ଗ୍ରହଣ କରିଛି । ଏହି ଆକ୍ରମଣ ଯୋଗୁଁ ଇରାନ୍ ସହ ହୋଇଥିବା ପ୍ରାରମ୍ଭିକ ଅସ୍ତ୍ରବିରତି ସଫଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ତାଇୱାନ୍‌ର ଏଭର୍‌ଗ୍ରୀନ୍ ମେରାଇନ୍ କମ୍ପାନୀ କହିଛି, ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ସମୟରେ ଏକ ଅଜଣା ବସ୍ତୁ ସେମାନଙ୍କ କଣ୍ଟେନର୍ ଜାହାଜରେ ବାଜିଥିଲା । ତେବେ ଜାହାଜଟି ସେହି ଜଳପଥରୁ ସୁରକ୍ଷିତ ଭାବେ ବାହାରି ଆସିଛି ଏବଂ ସେଥିରେ ଥିବା କର୍ମଚାରୀ ଓ ସାମଗ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ଅନ୍ୟପକ୍ଷରେ ଆମେରିକାର ୨ ଜଣ ଅଧିକାରୀ ଏହି ଆକ୍ରମଣପାଇଁ ଇରାନ୍‌କୁ ଦାୟୀ କରିଛନ୍ତି । ଇରାନ୍ ପ୍ରଶାସନ ଚେତାବନୀ ଦେଇ କହିଛି, ସେମାନଙ୍କଦ୍ୱାରା ଅନୁମୋଦିତ ରୁଟ୍ ବାହାରେ ଯାଉଥିବା ଜାହାଜଗୁଡ଼ିକୁ କୌଣସି ସୁରକ୍ଷା ଗ୍ୟାରେଣ୍ଟି ଦିଆଯିବ ନାହିଁ । ଆଇ.ଏମ୍.ଓ. ମହାନିର୍ଦ୍ଦେଶକ ଆର୍ସେନିଓ ଡୋମିଙ୍ଗୁଏଜ୍ କହିଛନ୍ତି, ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପାଇଁ ଏହି ଅଭିଯାନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ଯେଉଁ ଜାହାଜ ଉପରେ ଆକ୍ରମଣ ହୋଇଛି, ତାହା ଜାତିସଂଘର ଏହି ଅଭିଯାନର ଅଂଶ ନ ଥିଲା ବୋଲି ଶ୍ରୀ ଡୋମିଙ୍ଗୁଏଜ୍ ସ୍ପଷ୍ଟ କରିଛନ୍ତି ।

ଉପସାଗରରେ ଫସି ରହିଥିବା ଜାହାଜଗୁଡ଼ିକୁ ବାହାର କରିବାପାଇଁ ଚଳିତ ସପ୍ତାହ ଆରମ୍ଭରୁ ଜାତିସଂଘ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା ।

ଜାପାନ - ଷ୍ଟର୍ମ

ଜାପାନରେ ଦୁଇଟି ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ 'ମେଖଲା' ଏବଂ 'ହିଗୋସ୍'ର ପ୍ରଭାବରେ ସେଠାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି । ସମଗ୍ର ଦେଶରେ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହେବାର ଆଶଙ୍କା ଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯିବା ସହ ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାପାଇଁ ଜରୁରୀକାଳୀନ ନିର୍ଦ୍ଦେଶ ଦିଆଯାଇଛି । ପ୍ରତିକୂଳ ପାଗ ଯୋଗୁଁ ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ୍ କରାଯାଇଥିବା ନେଇ ଜାପାନ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି । ଏଥିସହ ଅନେକ ଟ୍ରେନ୍ ଚଳାଚଳ ବନ୍ଦ ରହିଛି ଏବଂ କେତେକ ମୁଖ୍ୟ ଏକ୍ସପ୍ରେସ୍ ୱେକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି ।

କ୍ରିକେଟ୍

ବେଲ୍‌ଫାଷ୍ଟରେ ଚାଲିଥିବା ଭାରତ-ଆୟାର୍‌ଲାଣ୍ଡ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଆୟୋଜକ ଆୟାର୍‌ଲ୍ୟାଣ୍ଡ ୧୨ ଓଭରରେ ୪ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲା । ଭାରତ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ତଥା ଚୂଡ଼ାନ୍ତ ମ୍ୟାଚ୍ ଆସନ୍ତା ରବିବାର ଦିନ ଖେଳାଯିବ ।

ଫିଫା ୱାର୍ଲଡ୍ କପ୍

ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଆଇ'ର ଏକ ମ୍ୟାଚ୍ ଆଜି ନରୱେ ଓ ଫ୍ରାନ୍ସ ମଧ୍ୟରେ ଖେଳାଯିବ । ଅନ୍ୟ ଏକ ମ୍ୟାଚ୍‌ରେ ଇରାକ୍ ଓ ସେନେଗାଲ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଉଭୟ ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଆରମ୍ଭ ହେବ । ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟରେ ଚାଲିଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଇକ୍ୱେଡର୍, ଆଇଭୋରିକୋଷ୍ଟ, ନେଦରଲ୍ୟାଣ୍ଡସ ଏବଂ ର୍ତୁକୀ ବିଜୟ ହାସଲ କରିଛନ୍ତି ।

ୟୁ.ଏସ୍. ଓପନ୍ ବ୍ୟାଡ୍‌ମିଣ୍ଟନ୍

ଆମେରିକାର ଫୁଲେର୍‌ଟନ୍‌ଠାରେ ଚାଲିଥିବା ୟୁ.ଏସ୍. ଓପନ୍ ବ୍ୟାଡ୍‌ମିଣ୍ଟନରେ ଆଜି ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ରୌନକ୍ ଚୌହାନ୍ ବିଶ୍ୱର ୬ ନମ୍ବର ଖେଳାଳି ତଥା ଟପ୍‌ସିଡ୍ ଚୀନ୍ ତାଇପେଇର ଚୌ ତିଏନ୍ ଚେନ୍’ଙ୍କୁ ସିଧାସଳଖ ୨୧-୧୭ ଓ ୨୬-୨୪ରେ ପରାସ୍ତ କରି କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଛନ୍ତି । କିଦାମ୍ବୀ ଶ୍ରୀକାନ୍ତ ମଧ୍ୟ ମାଲେସିଆର ଲି ଜି ଜିୟା’ଙ୍କୁ ୨୧-୧୪ ଓ ୨୧-୧୩ରେ ହରାଇ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ମହିଳା ସିଙ୍ଗଲ୍‌ସରେ ତିନି ଭାରତୀୟ ଖେଳାଳି ତନ୍‌ଭି ଶର୍ମା, ରକ୍ଷିତା ଶ୍ରୀ ଏବଂ ଦେବିକା ସିହାଗ୍ ମଧ୍ୟ କ୍ୱାର୍ଟର୍ ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି । ପଞ୍ଚମ ସିଡ୍ ତନ୍‌ଭି ଚୀନ୍ ତାଇପେଇର ଟୁଙ୍ଗ୍ ସିଉ ଟୋଙ୍ଗ୍’ଙ୍କୁ ୨୧-୧୨ ଓ ୨୧-୧୯ରେ ପରାସ୍ତ କରିଛନ୍ତି । ସେହିପରି ରକ୍ଷିତା ଚୀନ୍ ତାଇପେଇର ଚେନ୍ ସୁ ୟୁ’ଙ୍କୁ ୨୧-୪ ଓ ୨୧-୧୯ରେ ପରାସ୍ତ କରିଥିବାବେଳେ ଷଷ୍ଠ ସିଡ୍ ଦେବିକା ଥାଇଲାଣ୍ଡର ଟନରୁଗ୍ ସାଏହେଙ୍ଗ୍’ଙ୍କୁ ୨୧-୧୭ ଓ ୨୧-୧ରେ ପରାସ୍ତ କରିଛନ୍ତି ।

*****